# NATIONAL NEWS BULLETIN (ODIA)

**10 June - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତର ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ୪ ହଜାର ୩୯୯ ଦିନ ଦାୟିତ୍ୱ ନିର୍ବାହ କରି ଇତିହାସ ସୃଷ୍ଟି କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

–ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ଲୋକସଭା ବାଚସ୍ପତି ଓ କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟ

–ପ୍ରଧାନମନ୍ତ୍ରୀଙ୍କୁ ସମ୍ମାନ ଜଣାଇ କେନ୍ଦ୍ର କ୍ୟାବିନେଟ୍‌ରେ ସଂକଳ୍ପ ପାରିତ

- ଦେଶରେ ଗ୍ରାମୀଣ ବିକାଶ ପାଇଁ ବିଭିନ୍ନ ପର୍ଯ୍ୟାୟରେ କେନ୍ଦ୍ର ସରକାର ପ୍ରଦାନ କରିଛନ୍ତି ୧ଲକ୍ଷ ୨୫ ହଜାର କୋଟିରୁ ଅଧିକ ଟଙ୍କାର ପ୍ରୋତ୍ସାହନ ରାଶି

- ଦେଶରେ ସିଏନ୍‌ଜିର ଅଭାବ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କଲେ ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପମନ୍ତ୍ରୀ

ଏବଂ

- ପରବର୍ତ୍ତୀ ମହାକାଶ ଅଭିଯାନ ଆର୍‌ଟେମିସ୍-ଥ୍ରୀ ପାଇଁ ୪ ଜଣ ମହାକାଶଚାରୀଙ୍କ ନାମ ଘୋଷଣା କଲା ନାସା

---

# ପ୍ରଧାନମନ୍ତ୍ରୀ

ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ  ଭାରତର ସବୁଠାରୁ ଅଧିକ ସମୟ ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇତିହାସ ସୃଷ୍ଟି କରିଛନ୍ତି ।  ୨୦୧୪ ମେ ମାସ ୨୬ ତାରିଖରେ ଶ୍ରୀ ମୋଦୀ ଭାରତର ପ୍ରଧାନମନ୍ତ୍ରୀ ଭାବେ ପ୍ରଥମଥର ପାଇଁ ଶପଥ ଗ୍ରହଣ କରିଥିଲେ । ଆଜି ସୁଦ୍ଧା ଶ୍ରୀ ମୋଦୀ ପ୍ରଧାନମନ୍ତ୍ରୀ ଭାବେ ୪ ହଜାର ୩୯୯ଦିନ ଦାୟିତ୍ୱ ନିର୍ବାହ କରିସାରିଲେଣି ।  ଏ କ୍ଷେତ୍ରରେ ଶ୍ରୀ ମୋଦୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ କାର୍ଯ୍ୟକାଳ ଅବଧିକୁ ଅତିକ୍ରମ କରିଛନ୍ତି ।୧୯୫୨ ମସିହା ମେ ମାସ ୧୩ ତାରିଖରେ ପଣ୍ଡିତ ନେହେରୁ ଦେଶର ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ । ୧୯୬୪ ମେ ମାସ ୨୭ ତାରିଖ ପର୍ଯ୍ୟନ୍ତ ସେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାାବେ ତାଙ୍କର କାର୍ଯ୍ୟକାଳ ୪ ହଜାର ୩୯୮ ଦିନ ରହିଥିଲା । ସାଧାରଣ - ସାମାଜିକ, ଆର୍ôଥିକ ପୃଷ୍ଠଭୂମିରୁ ସର୍ବୋଚ୍ଚ ନିର୍ବାଚିତ ପଦବୀକୁ ଶ୍ରୀ ମୋଦୀଙ୍କ ଉତ୍ଥାନ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାରେ ରହିଥିବା ସୁଯୋଗ ଏବଂ ସାମାଜିକ ଗତିଶୀଳତାର ଏକ ଉଦାହରଣ ପାଲଟିଛି ।

ଶ୍ରୀ ମୋଦୀଙ୍କ ନେତୃତ୍ୱରେ  ଇତିମଧ୍ୟରେ  ଭାରତ ବିଶ୍ୱର ଦ୍ରୁତ ଗତିଶୀଳ ପ୍ରମୁଖ ଅର୍ଥନୀତି ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିଛି । ୩୦ରୁ ଅଧିକ ଦେଶ ଶ୍ରୀ ମୋଦୀଙ୍କୁ ସର୍ବୋଚ୍ଚ ନାଗରିକ ସମ୍ମାନରେ ସମ୍ମାନିତ କରିଛନ୍ତି । ବୈଶ୍ୱିକ କ୍ଷେତ୍ରରେ ବିଭିନ୍ନ ରାଷ୍ଟ୍ର ଶ୍ରୀ ମୋଦୀଙ୍କୁ ସର୍ବାଧିକ ଲୋକପ୍ରିୟ ଗଣତାନ୍ତ୍ରିକ ନେତା ଭାବେ ମାନ୍ୟତା ପ୍ରଦାନ କରିଛନ୍ତି । ଏହି

ସଫଳତା ପାଇଁ ଶ୍ରୀ ମୋଦୀଙ୍କୁ ବିଶ୍ୱର ବିଭିନ୍ନ ରାଷ୍ଟ୍ରର  ନେତା ଶୁଭେଚ୍ଛା ଜଣାଇଛନ୍ତି ।

---

## ପ୍ରେଜ୍-ପିଏମ୍

ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏକ  ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି କହିଛନ୍ତି ଯେ ଏହି ଐତିହାସିକ ସଫଳତା ଦେଶବାସୀଙ୍କର ପ୍ରଧାନମନ୍ତ୍ରୀଙ୍କ ଉପରେ ରହିଥିବା ବିଶ୍ୱାସକୁ ସୂଚାଉଛି ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା' ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ତାଙ୍କ ୧୨ ବର୍ଷର ଶାସନକାଳ ଭାରତ ପାଇଁ ଗର୍ବ, ସାଂସ୍କୃତିକ ନବଜାଗରଣ ଏବଂ ଦେଶକୁ ଦାସତ୍ୱ ମାନସିକତାରୁ ମୁକୁଳାଇବାରେ ବିଶେଷ ସହାୟକ ହୋଇଛି ।

## ବିର୍ଲା - ପିଏମ୍

ଲୋକସଭା ବାଚସ୍ପତି ଓମ୍ ବିର୍ଲା  ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସୋସିଆଲ ମିଡିଆ ପୋଷ୍ଟରେ  ଶ୍ରୀ ବିର୍ଲା ଉଲ୍ଲେଖ କରିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ୪ ହଜାର ୩୯୯ ଦିନର ଅବଧି ମଧ୍ୟରେ ସୁସ୍ଥ ସଂସଦୀୟ ପ୍ରକ୍ରିୟା ଏବଂ ପରମ୍ପରା ମାଧ୍ୟମରେ ସାମ୍ବିଧାନିକ ମୂଲ୍ୟବୋଧ, ସଂସଦୀୟ ଗଣତନ୍ତ୍ର ଓ ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକ ଅଧିକ ମଜଭୁତ ହୋଇଛି ।

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ ଏକ ଇଂରାଜୀ ଦୈନିକରେ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘଦିନର କାର୍ଯ୍ୟକାଳ ଉପରେ ଏକ ଲେଖା

ପ୍ରକାଶ କରି କହିଛନ୍ତି ଯେ ଶ୍ରୀ ମୋଦୀଙ୍କ ନେତୃତ୍ୱାଧୀନ ସରକାର କ୍ଷମତାକୁ ଆସିବା ପରେ ଭାରତ ତା'ର ଇତିହାସରେ ସବୁଠାରୁ ଦୀର୍ଘତମ ସମୟ ଦେଖିଛି, ଯେଉଁ ସମୟରେ ଗରିବ ଓ ସାଧାରଣ ଜନତାଙ୍କ କଲ୍ୟାଣ ସରକାରଙ୍କ ପ୍ରତ୍ୟେକ ନୀତିଗତ ନିଷ୍ପତ୍ତିର କେନ୍ଦ୍ରବିନ୍ଦୁ ହୋଇ ରହିଛି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ସମସ୍ତ ନାଗରିକଙ୍କ ପାଇଁ କଲ୍ୟାଣ, ସୁଯୋଗ, ଅତ୍ୟାବଶ୍ୟକ ସେବାର ସୁବିଧାକୁ ପ୍ରସାରିତ କରିବା ପାଇଁ ଏକ ମିଶନରେ କାର୍ଯ୍ୟ କରୁଛନ୍ତି ।

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଏକ ଦୈନିକ ସମ୍ବାଦପତ୍ର ଆଲେଖ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତକୁ ଆତ୍ମବିଶ୍ୱାସ, ସୁଶାସନ ଏବଂ ବିକାଶ ଉପରେ ଆଧାରିତ ଏକ ନୂତନ ପରିଚୟ ଦେଇଛନ୍ତି ବୋଲି ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି ୨୦୧୪ ମସିହାରେ ଶ୍ରୀ ମୋଦୀ ପ୍ରଥମେ ଦେଶକୁ ଏକ ସାମୂହିକ ଭାବନା ଦେଇଥିଲେ । ଏହା ପରେ ଜନସାଧାରଣଙ୍କ ବିଶ୍ୱାସଭାଜନ ହୋଇ ସେହି ଚିନ୍ତାଧାରାକୁ ଏକ ସାମୂହିକ ସଂକଳ୍ପରେ ପରିଣତ କରିଛନ୍ତି । ଆଜି ସେହି ସଂକଳ୍ପ ଏକ ବିକଶିତ ଭାରତ ଆକାରରେ ଏକ ବ୍ୟାପକ ସାମୂହିକ ସ୍ୱପ୍ନର ରୂପ ନେଇଛି ।

## ବୈଷ୍ଣବ-ଟେମ୍ପୁଲ୍ ପ୍ରେୟାର

ଏହି ଅବସରରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀର ଏକ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ଶ୍ରୀ ବୈଷ୍ଣବ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀ ଅତ୍ୟନ୍ତ

ଦକ୍ଷତା, ସଂଯମ ଏବଂ ଦୃଢ଼ ସଂକଳ୍ପ ସହିତ ଦେଶକୁ ମାର୍ଗଦର୍ଶନ କରୁଛନ୍ତି । ସେ କହିଛନ୍ତି, ଶ୍ରୀ ମୋଦୀ ଦେଶର ଭବିଷ୍ୟତକୁ ଗଢ଼ିବା ଏବଂ ଏକ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ସଂକଳ୍ପ ନେଇଛନ୍ତି ।

**V/O**

---

## ଶୁଭେଚ୍ଛା-ଲାଷ୍ଟ୍

ସେହିପରି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂ ଚୌହାନ ପ୍ରମୁଖ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

---

## କ୍ୟାବିନେଟ୍

ଦେଶର ସବୁଠାରୁ ଦୀର୍ଘସମୟ ଧରି ନିର୍ବାଚିତ ପ୍ରଧାନମନ୍ତ୍ରୀ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କେନ୍ଦ୍ର କ୍ୟାବିନେଟ୍‌ରେ ପ୍ରଶଂସା କରାଯାଇଛି । ଏ ନେଇ ଏକ ସଂକଳ୍ପ ପାରିତ କରାଯିବା ସହ କ୍ୟାବିନେଟ୍ ସଦସ୍ୟମାନେ ଛିଡ଼ା ହୋଇ ଶ୍ରୀ ମୋଦୀଙ୍କୁ ସମ୍ମାନ ପ୍ରଦର୍ଶନ କରିଛନ୍ତି ।

---

## ବିଭିଜିରାମଜି

ଦେଶର ଗ୍ରାମୀଣ ବିକାଶ ପାଇଁ ସରକାର ୧ଲକ୍ଷ ୨୫ ହଜାର କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିଛନ୍ତି ବୋଲି ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି । ବିଭିନ୍ନ ରାଜ୍ୟର ଗ୍ରାମୀଣ ବିକାଶ ମନ୍ତ୍ରୀଙ୍କ ସହ ଏକ ଆଭାସୀ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି, ପୂର୍ବରୁ ମନରେଗା ଯୋଜନା ଅଧୀନରେ ସରକାର ୩୦ ହଜାର କୋଟି ଟଙ୍କା ଆବଣ୍ଟନ କରିସାରିଛନ୍ତି ।

ଏହା ବ୍ୟତୀତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ୯୫ ହଜାର ୬୯୨ କୋଟି ଟଙ୍କା ମଧ୍ୟବର୍ତ୍ତୀକାଳୀନ ଆବଣ୍ଟନ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି । ବିକଶିତ ଭାରତ ଜିରାମଜି ଆଇନର କାର୍ଯ୍ୟାନ୍ୱୟନ ନେଇ ଏହି ବୈଠକରେ ବିସ୍ତୃତ ଆଲୋଚନା ହୋଇଛି । ଆସନ୍ତାମାସ ପହିଲାରୁ ଦେଶବ୍ୟାପୀ ଏହି ଆଇନ କାର୍ଯ୍ୟକାରୀ ହେବ ବୋଲି ଶ୍ରୀ ଚୌହାନ ସୂଚନା ଦେଇଛନ୍ତି।

ଆଇନର ଠିକ୍ କାର୍ଯ୍ୟାନ୍ୱୟନ ନେଇ ସମସ୍ତ ପ୍ରସ୍ତୁତି ଶେଷ କରିବାକୁ ମନ୍ତ୍ରୀ ଶ୍ରୀଚୌହାନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ୨୬ଟି ରାଜ୍ୟ ସେମାନଙ୍କ ବଜେଟ୍‌ରେ ଏହି ଆଇନର କାର୍ଯ୍ୟାନ୍ୱୟନ ନେଇ ପାଣ୍ଠି ବ୍ୟବସ୍ଥା କରିଥିବା ବେଳେ ଝାଡ଼ଖଣ୍ଡ, କର୍ଣ୍ଣାଟକ, ତେଲଙ୍ଗାନା ଓ ମିଜୋରାମ ଏଥିପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିବା ଶ୍ରୀ ଚୌହାନ କହିଛନ୍ତି । ଗତବର୍ଷ ତୁଳନାରେ ଚଳିତବର୍ଷ ବଜେଟ୍‌ରେ ଏଥିପାଇଁ ୪୦ ପ୍ରତିଶତ ପାଣ୍ଠି ବୃଦ୍ଧି କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି ।

**V/O**

---

# ପୁରୀ-ସିଏନ୍‌ଜି

ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି, ଦେଶରେ ପ୍ରାକୃତିକ ଗ୍ୟାସ୍-ସିଏନ୍‌ଜିର କୌଣସି ଅଭାବ ନାହିଁ । ସରକାର ପାଇପ୍ ଯୋଗେ ଗ୍ୟାସ୍ ଯୋଗାଣକୁ ଅଧିକ ବ୍ୟାପକ କରିବାକୁ ପ୍ରୟାସ ଜାରି ରଖିଛନ୍ତି । ଏଲ୍‌ପିଜି ସଂଯୋଗକୁ ପିଏନ୍‌ଜିକୁ

ପରିବର୍ତ୍ତନ କରିବା ପାଇଁ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପୁରୀ କହିଛନ୍ତି । କୃତ୍ରିମ ଅଭାବ ସୃଷ୍ଟି ମାଧ୍ୟମରେ। ଭୁଲ୍ ସୂଚନା ପ୍ରଦାନ କରି କେତେକ ଲୋକ ସାଂପ୍ରତିକ ବିଶ୍ୱ ପରିସ୍ଥିତିର ଫାଇଦା ଉଠାଇବାକୁ ଚେଷ୍ଟା କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପୁରୀ ଅଭିଯୋଗ କରିଛନ୍ତି । ସରକାର ଏପରି କାର୍ଯ୍ୟକଳାପ ବିରୁଦ୍ଧରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ବୋଲି ଶ୍ରୀ ପୁରୀ ସୂଚନା ଦେଇଛନ୍ତି ।

**V/O**

# ଟିଏମ୍‌ସି- ଏମ୍‌ପି ରିଜାଇନ୍

ତୃଣମୂଳ କଂଗ୍ରେସ ସାଂସଦ ସୁସ୍ମିତା ଦେବ ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି । ସେ ତାଙ୍କର ଇସ୍ତଫାପତ୍ର ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନଙ୍କ ପାଖକୁ ପଠାଇଛନ୍ତି । ଇସ୍ତଫା ପ୍ରଦାନ ପରେ ନୂଆଦିଲ୍ଲୀରେ ସେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କୁ ସାକ୍ଷାତ କରିଥିଲେ । ସେହିଭଳି ବରିଷ୍ଠ ତୃଣମୂଳ କଂଗ୍ରେସ ନେତା ତଥା ରାଜ୍ୟସଭା ସଦସ୍ୟ ସୁଖେନ୍ଦୁ ଶେଖର ରାୟ ଗତ ସୋମବାର ଦିନ ରାଜ୍ୟସଭା ସଦସ୍ୟ ଏବଂ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ କରିଥିବା ସୂଚନା ମିଳିଛି ।

# ଫିଲିପାଇନ୍ସ ଆର୍ଥକ୍ୱେକ୍

ଦକ୍ଷିଣ ଫିଲିପାଇନ୍ସରେ ଘଟିଥିବା ଭୂକମ୍ପରେ ମୃତ୍ୟୁସଂଖ୍ୟା ୩୭ରେ ପହଞ୍ଚିଛି । କ୍ଷତିଗ୍ରସ୍ତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଏବେ ମଧ୍ୟ ଜାରି ରହିଥିବା ଜଣାପଡ଼ିଛି । ଏହି ଘଟଣାରେ ୫୦୦ରୁ ଅଧିକ ଲୋକ ଆହତ ହେବା ସହିତ ୩୨ ହଜାରରୁ ଅଧିକ ବାସଚ୍ୟୁତ ହୋଇଛନ୍ତି । ରିକ୍ଟର ସ୍କେଲ୍‌ରେ

ଭୂକମ୍ପର ତୀବ୍ରତା ୭ ଦଶମିକ ୮ ରହିଥିଲା । ଭୂକମ୍ପ ପରେ ସମୁଦ୍ରରେ ୧ ଦଶମିକ ୪ ମିଟର ଉଚ୍ଚ ଲହଡ଼ି ଦେଖିବାକୁ ମିଳିଥିଲା । ସୁନାମୀ ଭୟରେ ଉପକୂଳବର୍ତ୍ତୀ ବହୁଲୋକ ସ୍ଥାନାନ୍ତରିତ ହୋଇଥିଲେ । ତେବେ ସ୍ଥାନୀୟ କର୍ତ୍ତୃପକ୍ଷ ସୁନାମୀ ନେଇ ସାମାନ୍ୟ କ୍ଷୟକ୍ଷତି ହୋଇଥିବା ସୂଚନା ପ୍ରଦାନ କରିଛନ୍ତି ।

## ନାସା-ଆର୍‌ଟେମିସ୍ ୩

ନାସା ଏହାର ପରବର୍ତ୍ତୀ ମହାକାଶ ଅଭିଯାନ ଆର୍‌ଟେମିସ୍-ଥ୍ରୀ ପାଇଁ ୪ ଜଣ ମହାକାଶଚାରୀଙ୍କ ନାମ ଘୋଷଣା କରିଛି । ସେଥିମଧ୍ୟରେ ୩ ଜଣ ଆମେରିକୀୟ ଓ ଜଣେ ଇଟାଲୀୟ ମହାକାଶଚାରୀ ଅନ୍ତର୍ଭୁକ୍ତ । ଆସନ୍ତାବର୍ଷ ଶେଷଭାଗରେ ମହାକାଶ ଡକିଙ୍ଗ୍ ପ୍ରଦର୍ଶନ ମିଶନ ଅଧୀନରେ ନାସା ପକ୍ଷରୁ ଏହି ଅଭିଯାନକୁ କାର୍ଯ୍ୟକାରୀ କରାଯିବ । ପ୍ରଥମଥର ପାଇଁ କକ୍ଷପଥରେ ସ୍ପେସ୍-ଏକ୍ସ ଏବଂ ବ୍ଲୁ ଅରିଜିନ୍‌ରୁ ଚନ୍ଦ୍ର ଲ୍ୟାଣ୍ଡରଗୁଡ଼ିକୁ ଏହି ଅଭିଯାନ ଅଧୀନରେ ପରୀକ୍ଷା କରିବା ପାଇଁ ନାସା ଲକ୍ଷ୍ୟ ରଖିଛି । ନାସାର ପ୍ରଶାସକ ଜାରେଡ୍ ଆଇଜାକ୍‌ମ୍ୟାନ୍ ଏ ସଂପର୍କରେ ସୂଚନା ଦେଇ ୪ଜଣଯାକ ମହାକାଶଚାରୀଙ୍କ ନାମ ଘୋଷଣା କରିଛନ୍ତି ।